ସକଳ ଜଗତ ଆଧାର, ତୁହି ମା' ମୋତେ ରକ୍ଷା କର

ଡଃ ଶରତ ଚନ୍ଦ୍ର ପରିଡ଼ା

ଆଜି ବୌଦ୍ଧିକ ଆଳସ୍ୟର ଯୁଗ । ପ୍ରତ୍ୟେକ କଥାକୁ ଚିନ୍ତା କରିବା ଓ ବୁଝିବା ନିମନ୍ତେ ଯେଉଁ ଅନୁସନ୍ଧିତ୍ସା ଲୋଡ଼ା ସେଥିପାଇଁ କାହାର ଅବସର ନାହିଁ । ଆମେ କୌଣସି କଥାର ଅନୁସନ୍ଧାନ ନକରି ତାକୁ ଅନ୍ଧ ବିଶ୍ୱାସ କହିବାରେ ଅଭ୍ୟସ୍ତ । କୌଣସି ବିଷୟକୁ ଆଲୋଚନା ନକରି ସମାଲୋଚନା କରିବାରେ ଆମେ ଧୁରନ୍ଧର । ଆମେ କର୍ମକାଣ୍ଡରେ ବୁଡ଼ି ରହିଲେ ଚଳିବ ନାହିଁ । ତା' ପଛରେ ଜ୍ଞାନର ଯେଉଁ ସଙ୍କେତ ରହିଛି, ତାହା ଗ୍ରହଣ କରିବା ଆଜି ଜରୁରି ହୋଇ ପଡ଼ିଛି ।

ଏ ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଓ ବସ୍ତୁ ତିଷ୍ଠି ରହିବା ପାଇଁ ଆବଶ୍ୟକ କରନ୍ତି ଶକ୍ତି । ପ୍ରତ୍ୟେକ ପ୍ରାଣୀ ଜ୍ଞାତରେ ହେଉ ବା ଅଜ୍ଞାତରେ ହେଉ ଶକ୍ତିର ଉପାସକ ଅଟନ୍ତି । ଏପରି ଲୋକ ଏ ସଂସାରରେ କେହି ନାହିଁ ଯିଏ ଶକ୍ତି ଇଚ୍ଛା ନକରେ । କିଏ ମନ୍ତ୍ରଶକ୍ତି ତ କିଏ ତନ୍ତ୍ରଶକ୍ତି ଓ ଆଉ କିଏ ଯନ୍ତ୍ରଶକ୍ତି ବଳରେ ଶକ୍ତିଶାଳୀ ହେବାକୁ ଚେଷ୍ଟା କରୁଛି । ପଦାର୍ଥ ବିଜ୍ଞାନୀମାନେ ପ୍ରମାଣ କରି ସାରିଛନ୍ତି ଯେ ପ୍ରତ୍ୟେକ ପଦାର୍ଥ ହେଉଛି ଏକ ଅକ୍ଷୟ ଶକ୍ତି । ତେଣୁ ପ୍ରତ୍ୟେକ ସତ୍ତାରେ ଯେଉଁ ଶକ୍ତି ନିହିତ ଅଛି ତାହା ହିଁ ଦିବ୍ୟଶକ୍ତିର ରୂପାନ୍ତର । ଋଷିମାନେ ଶକ୍ତି ଖୋଜି ଖୋଜି ଆତ୍ମଶକ୍ତି ଆବିଷ୍କାର କଲେ ଓ ବୈଜ୍ଞାନିକମାନେ ଶକ୍ତି ଖୋଜି ଖୋଜି ବିଦ୍ୟୁତ ଶକ୍ତି, ଚୁମ୍ବକୀୟ ଶକ୍ତି ଓ ପାରମାଣବିକ ଶକ୍ତି ପାଖରେ ପହଞ୍ଚିଲେ । ଖାଲି ପାର୍ଥକ୍ୟ ଏତିକି ଯେ ପ୍ରଥମଟି ଚୈତନ୍ୟମୟ ଓ ଦ୍ୱିତୀୟଟି ଜଡ଼ । ଏ ଉଭୟର ମୂଳ ଉତ୍ସ ଏକ ଓ ଗୋଟିଏ ଶକ୍ତି, ଦୁର୍ଗା ଶକ୍ତି ।

ଭାରତରେ ପ୍ରାୟ ଚାରି ହଜାର ବର୍ଷ ପୂର୍ବରୁ ଦୁର୍ଗା ପୂଜା ପାଇ ଆସୁଛନ୍ତି । ଦେବୀ ସୂକ୍ତରେ 'ଅହଂ ରାଷ୍ଟ୍ରୀ' ବୋଲି କୁହାଯାଇଛି । ଅର୍ଥାତ୍ 'ମୁଁ ବ୍ରହ୍ମାଣ୍ଡର ଏକମାତ୍ର ଅଧୀଶ୍ୱରୀ' । ଋଗ୍‌ବେଦ (୧.୨୫.୬)ର 'ବାଗମ୍ଭୃନୀୟ ସୂକ୍ତ'ରେ ମହାଶକ୍ତିର ବର୍ଣ୍ଣନାର ଏକମାତ୍ର ମୂଳ ଆଧାର । ଋଗ୍‌ବେଦର 'ରାତ୍ରି ସୂକ୍ତ'ରେ ଯେଉଁ ରାତ୍ରିଦେବୀ ଭୁବନେଶ୍ୱରୀଙ୍କୁ ସୃଷ୍ଟିର ମୂଳଶକ୍ତି ରୂପେ ବର୍ଣ୍ଣନା କରାଯାଇଛି, ସେହି ଦେବୀ ହିଁ ବିଶ୍ୱେଶ୍ୱରୀ । ମହାବିଷ୍ଣୁ ବଟପତ୍ରରେ ଶିଶୁଟି ପରି ଶୟନ କରିଥିଲାବେଳେ ହଠାତ୍ ଚିନ୍ତା କଲେ ସେ କିଏ ?

ତାଙ୍କୁ କିଏ ସୃଷ୍ଟି କରିଛି ? ତାଙ୍କର ନାମ କ'ଣ ? ସେ ସମୟରେ ଆକାଶବାଣୀ ହେଲା : ସର୍ବଂ ଖଳୁ ଇଦମ୍ ଏବାହମ୍ । ନାନ୍ୟଦସ୍ତି ସନାତନମ୍ । ଏ ସବୁ ଯାହା, ତାହା ସବୁ ମୁଁ । ମୋ ଅତିରିକ୍ତ ସନାତନ କିଛି ନାହିଁ । ମୋ'ଠାରୁ ପ୍ରକୃତି ପୁରୁଷାତ୍ମକ ଜଗତ, ଶୂନ୍ୟ ଓ ଅଶୂନ୍ୟ ସୃଷ୍ଟି ହୋଇଛି ।

ଏଥିରେ ବିଷ୍ଣୁ ବିସ୍ମିତ ହେଲେ । ଏ କଥା କିଏ କହିଲେ ବୋଲି ଜାଣିପାରିଲେ ନାହିଁ । ଧ୍ୟାନମଗ୍ନ ହେଲେ । ତାଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ ଜଣେ ଦେବୀ । ତାଙ୍କର ଚାରୋଟି ବାହୁରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା । ଦେବୀ ଦିବ୍ୟ ଅଳଂକାରରେ ବିଭୂଷିତ ହୋଇଥିଲେ । ସେ ମହାବିଷ୍ଣୁଙ୍କୁ କହିଲେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଯେତେବେଳେ ସୃଷ୍ଟି, ସ୍ଥିତି ପ୍ରଳୟ ରୂପକ ଜଗତ ରୂପ ଗ୍ରହଣ କରେ ତୁମେ ମଧ୍ୟ ମହାଶକ୍ତି ବଳରେ ଆବିର୍ଭୂତ ହୋଇଥାଅ । ତୁମଠାରେ ସତ୍ତ୍ୱଗୁଣ ପ୍ରବଳ ଭାବରେ ଅଛି । ତୁମ ନାଭିରୁ ବ୍ରହ୍ମା ଜାତ ହେବେ । ବ୍ରହ୍ମାଙ୍କଠାରେ ରଜୋଗୁଣ ପ୍ରବଳ ଭାବରେ ରହିବ । ବ୍ରହ୍ମାଙ୍କ କପାଳର କେନ୍ଦ୍ରରୁ ଜାତ ହେବେ ରୁଦ୍ର । ରୁଦ୍ରଙ୍କଠାରେ ତମୋଗୁଣ ପ୍ରବଳ ଭାବରେ ରହିବ । ବ୍ରହ୍ମା ନିଜ ତପସ୍ୟା ବଳରେ ପୀତବର୍ଣ୍ଣର

Click Here & Upgrade
Expanded Features
Unlimited Pages
PDF Complete

Click Here & Upgrade
Expanded Features
Unlimited Pages
PDF Complete

ଜଗତ ସୃଷ୍ଟି କରିବେ । ତୁମେ ସେହି ଦୁନିଆର ପୋଷଣ କର୍ତ୍ତା ହେବ । କଳ୍ପଯୁଗର ଶେଷରେ ରୁଦ୍ର ସେହି ଦୁନିଆକୁ ଧ୍ୱଂସ କରିବେ । ତୁମେ ଜାଣ ଏ ପରାଶକ୍ତି ସମସ୍ତ ଗୁଣ ଓ ଉପାଧିର ଊର୍ଦ୍ଧ୍ୱରେ । ମୁଁ ସେହି ସାତ୍ତ୍ୱିକ ଶକ୍ତି । ମୁଁ ସୃଷ୍ଟି ପାଇଁ ତୁମ ଉପରେ ନିର୍ଭର କରେ ।

ଏହିପରି ପ୍ରତି କଳ୍ପର ଆରମ୍ଭରେ ତ୍ରିଦେବ ସୃଷ୍ଟି ହୁଅନ୍ତି । ସେମାନଙ୍କ ମଧ୍ୟରେ ସୃଷ୍ଟି କରିବା ଆଦି ବିଭାଗ ବଣ୍ଟନ ହୁଏ । କଳ୍ପ ଶେଷ ହେଲେ ତ୍ରିଦେବ ବିଶ୍ୱାତ୍ମିକା ଶକ୍ତି ସହିତ ଏକାକାର ହୋଇ ଯାଆନ୍ତି ।

ସଂପୂର୍ଣ୍ଣ ବିଶ୍ୱ ଯେତେବେଳେ ବିସ୍ତାରର ଶେଷ ଅବସ୍ଥାରେ ପହଞ୍ଚେ, ସେତେବେଳେ ଏହାର ବିପରୀତ ପ୍ରକ୍ରିୟା ସଙ୍କୋଚନ ଆରମ୍ଭ ହୁଏ । ଏହି ବିଶ୍ୱ ଏକ କ୍ଷୁଦ୍ର ବିନ୍ଦୁରେ ବିବର୍ତ୍ତିତ ହୁଏ ଓ ସମସ୍ତ ପଦାର୍ଥ ଏଠାରେ ବିଶ୍ରାମ ନେଇଥାନ୍ତି । ସେହି ବିନ୍ଦୁ ହିଁ ଦେବୀ ଦୁର୍ଗା ଶ୍ରୀ ବିଦ୍ୟା । ବିଶ୍ୱେଶ୍ୱରୀ ସୂକ୍ତରେ ବ୍ରହ୍ମା ସ୍ତୁତି କରନ୍ତି - 'ହେ ନିତ୍ୟା, ଅକ୍ଷର ବ୍ରହ୍ମ ସ୍ୱରୂପା । ଆପଣ ହିଁ ଅମୃତ ରୂପା ଏବଂ ଅ-ଉ-ମ ତ୍ରିବିଧ ମାତ୍ରା ରୂପେ ଅବସ୍ଥିତା । ପ୍ରଣବ ସ୍ୱରୂପା ବିଶେଷ ରୂପେ ଯାହା ନିର୍ଗୁଣ ଆପଣ ହିଁ ସେହି ଶକ୍ତି ସ୍ୱରୂପା । ଆପଣ ହିଁ ପରିଣାମହୀନା । ଶ୍ରେଷ୍ଠ ଶକ୍ତି ଓ ଦେବଗଣଙ୍କର ଆଦିମାତା । ପରମ ବୈଷ୍ଣବୀ । ଆପଣ ହିଁ ଜଗତର ନିମିତ୍ତ କାରଣ ଓ ଉପାଦାନ କାରଣ । ଆପଣ ହିଁ ଏ ଜଗତର ଆଦି, ମଧ୍ୟ ଓ ଅନ୍ତ । ଆପଣ ଜଗତ ସ୍ୱରୂପା ଓ ଜଗତର ଧାରିୟିତ୍ରୀ ।' ସୃଷ୍ଟି ଆଦି କାର୍ଯ୍ୟ କେବଳ ଏକ ମହାଶକ୍ତିର ଭିନ୍ନ ଭିନ୍ନ ଅବସ୍ଥା । ଦେବୀ ସର୍ବଭୂତରେ ପ୍ରକୃତି । ସର୍ବମୟୀ । ସର୍ବବିଦ୍ୟାମାନା । ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁ ଜାଣନ୍ତି । ପ୍ରଳୟ ଅବସ୍ଥାରେ ଅବଶେଷ ରହି ଯାଉଥିବା ମହାକାଳକୁ ସେ ଗ୍ରାସ କରୁଥିବାରୁ ସେ ମହାକାଳୀ, ନିତ୍ୟା, ଆରାଧ୍ୟା ।

କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ - ଏହି ପଞ୍ଚମହାଭୂତ ଆଦ୍ୟାଶକ୍ତିଙ୍କର ଲୀଳା କ୍ଷେତ୍ର । ଏଥିରେ ହୁଏ ଜୀବଜଗତର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମ ଆତ୍ମାଙ୍କ ଅଂଶ ବ୍ୟକ୍ତିର ସୂକ୍ଷ୍ମ ଶରୀର ବା ପ୍ରକୃତି ମଧ୍ୟ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ । ମୂଳ ଅବ୍ୟକ୍ତ ପ୍ରକୃତି ପରମ ପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଶକ୍ତି ଲିଙ୍ଗହୀନ । ଯେତେବେଳେ ଆମେ ସେହି ଶକ୍ତିକୁ ପୁଲିଙ୍ଗ ରୂପେ ପ୍ରକାଶ କରୁ ତାହା ହୁଏ ଶିବ । ଶକ୍ତି ଓ ଶିବ ପରସ୍ପରଠାରୁ ଅଲଗା ନୁହଁନ୍ତି । ତେଣୁ ସେମାନଙ୍କ ମଧ୍ୟରେ ଦାମ୍ପତ୍ୟ ଜୀବନ କଳ୍ପନା କରିବା ଭକ୍ତପାଇଁ ସ୍ୱଭାବିକ । ଶ୍ରୀ ଅରବିନ୍ଦ କହନ୍ତି, ପରମାତ୍ମାଙ୍କ ଅବ୍ୟକ୍ତ ପ୍ରକୃତି ଭଗବତୀ ଚିତ୍‌ଶକ୍ତି ଓ ଦିବ୍ୟ ଜନନୀ ଅଟନ୍ତି । ସତ୍ତ୍ୱ-ରଜ-ତମ - ଏହି ତିନିଗୁଣର ବିନ୍ୟାସରେ ମାୟାର ରଚନା । ବ୍ୟାସଦେବ ଜନ୍ମେଜୟଙ୍କୁ ଉତ୍ତରରେ କହିଥିଲେ : ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି ତାହା ଦେବୀଙ୍କ ରୂପ ନାମ ବିନା ଅନ୍ୟ କିଛି ନୁହେଁ । ସତ୍ ଅସତ୍ ରୂପକ ଜଗତ ଭବାନୀଙ୍କଠାରୁ ଉତ୍ପନ୍ନ । ଏଥିରେ ସେ ପ୍ରାଣୀମାନଙ୍କୁ ଅଲକ୍ଷ୍ୟରେ ସଂଲଗ୍ନ କରି ରଖିଥା'ନ୍ତି । କର୍ମଫଳ ପ୍ରଦାନ ସମୟ ଉପସ୍ଥିତ ହେଲେ ସେ ପ୍ରାଣୀମାନଙ୍କୁ କର୍ମାନୁରୂପ ଫଳ (ଶରୀର) ପ୍ରଦାନ କରନ୍ତି । ଜଗତର ନିର୍ମାଣ କର୍ତ୍ତା ବ୍ରହ୍ମା ସେହି ଆଦ୍ୟାଶକ୍ତି ସହିତ ମିଳିତ ହୋଇ ନିଜର ସ୍ୱାତନ୍ତ୍ର୍ୟ ହରାଇଥା'ନ୍ତି । ତେଣୁ ସେହି ଆଦ୍ୟାଶକ୍ତିକୁ କାଳରାତ୍ରି କୁହାଯାଏ । ସେହିପରି ଜଗତ ମଧ୍ୟ ସେହି ପରାଶକ୍ତି ସହିତ ମିଳିତ ହୋଇ ନିଜର ସତ୍ତା ହରାଉଥିବାରୁ ସେ ମହାରାତ୍ରି ଓ ପ୍ରତିଦିନ ଜଗତର ଜୀବନ ସେହି ଆଦ୍ୟାଶକ୍ତି ସହିତ ମିଳିତ ହୋଇ ନିଜର ସ୍ୱାତନ୍ତ୍ର୍ୟ ହରାଉଥିବାରୁ ତାଙ୍କୁ ମନୁଷ୍ୟ ରାତ୍ରି କୁହାଯାଇଥାଏ ।

ଦୁର୍ଗାଙ୍କର ପ୍ରତ୍ୟେକ ନାମ ଭିନ୍ନ ଭିନ୍ନ ଗୁଣର ପ୍ରକାଶକ ଅଟେ । ମା' ଦୁର୍ଗାଙ୍କୁ ଏକ ଶହ ଆଠ ଅଲୌକିକ ଗୁଣର ପ୍ରତିନିଧି ବୋଲି କୁହାଯାଇଛି । ଉମା, କାତ୍ୟାୟନୀ, ଗୌରୀ ... ଏହିପରି ଅମର କୋଷରେ ଦେବୀ ଦୁର୍ଗାଙ୍କର ଯେଉଁ କୋଡ଼ିଏଟି ନାମ ରହିଛି ପ୍ରତ୍ୟେକ ଗୋଟିଏ ଗୋଟିଏ ସୁନ୍ଦର ଇତିହାସରେ ସମୃଦ୍ଧ ଓ ଗୁଣକର୍ମରେ ସାର୍ଥକ । ଏହା ବ୍ୟତୀତ 'ଚଣ୍ଡୀ' ଗ୍ରନ୍ଥରେ ମଧ୍ୟ ଦେବୀଙ୍କର ଶତଶତ ଗୁଣାତ୍ମକ ନାମ ରହିଛି । ପରମ ସତ୍ୟକୁ ସୂଚାଇ ଦେବା ପାଇଁ ତାହା ପ୍ରତ୍ୟେକ ଗୋଟିଏ ଗୋଟିଏ ତୀର । 'ଦୁର୍ଗ' ଶବ୍ଦ ଦୈତ୍ୟ, ମହାବିଘ୍ନ, ସାଂସାରିକ ବନ୍ଧନ, କୁକର୍ମ, ଶୋକ, ଦୁଃଖ, ନରକ, ଯମଦଣ୍ଡ, ଜନ୍ମ, ମହାଭୟ ଓ ଦୁଃସାଧ୍ୟ ରୋଗ ପ୍ରଭୃତି ଅମଙ୍ଗଳ ଅର୍ଥ ପ୍ରକାଶ କରିଥାଏ । ଏସବୁ ଦୁର୍ଗତୀର ବିନାଶକାରିଣୀ ଶକ୍ତି ହିଁ ଦୁର୍ଗାପଦବାଚ୍ୟ । ପ୍ରାଣୀର ଶରୀର 'ଦୁଃଖେନ ଗମ୍ୟତେ' ଅର୍ଥାତ୍ ଦୁଃଖରେ କଟୁଥିବାରୁ ତାହା ଦୁର୍ଗ । ତା' ଭିତରେ ଯେଉଁ ଚିନ୍ମୟୀ ଶକ୍ତି ଅଛି ତାହା ମଧ୍ୟ 'ଦୁଃଖେନ ପ୍ରାପ୍ୟତେ' ଅର୍ଥାତ୍ ଦୁଃଖରେ ଉପଲବ୍ଧି କରାଯାଇଥାଏ ବୋଲି ସେ ହେଲେ ଦୁର୍ଗା । ରାଜାଙ୍କ ବାହ୍ୟର ଶତ୍ରୁର ଆକ୍ରମଣରୁ 'ଦୁର୍ଗ'କୁ ରକ୍ଷା କରୁଥିବାରୁ ସେ ଦୁର୍ଗା 'ଗଡ଼ଚଣ୍ଡୀ' । ରଣକ୍ଷେତ୍ରରେ ଶତ୍ରୁକୁ ସଂହାର କରିବା ନିମନ୍ତେ ତାଙ୍କୁ 'ରଣଚଣ୍ଡୀ' ରୂପେ ସ୍ତୁତି କରାଯାଇଥାଏ । ଗଡ଼ର ଦେବୀ, ରଣର ଦେବୀ ଧୀରେ ଧୀରେ ହୋଇଛନ୍ତି ଗଣର ଦେବୀ । ସେ ଜନସାଧାରଣଙ୍କ ସୁଖଦୁଃଖର ସାକ୍ଷୀ, ବିପଦଆପଦରେ ଅଭୟଦାତ୍ରୀ ଓ ଶାନ୍ତି ସମୃଦ୍ଧିର ପୋଷଣକାରିଣୀ ହୋଇ ଗ୍ରାମେ ଗ୍ରାମେ ଗ୍ରାମଦେବତୀ ରୂପେ ବିଦ୍ୟମାନ ।

ଉତ୍ତର ଭାରତ ଅପେକ୍ଷା ଦକ୍ଷିଣ ଭାରତରେ ଦୁର୍ଗାଙ୍କ ଭୟଙ୍କରୀ ରୂପ ଅଧିକ ଦେଖିବାକୁ ମିଳେ । ସୃଜନାତ୍ମିକା ଶକ୍ତି ବିକ୍ଷୋଭ ଅବସ୍ଥାରେ କାଳୀ, ଯୁଦ୍ଧରେ ଦୁର୍ଗା ଓ ଦୁର୍ଗାଙ୍କର ମହିଷ-ଅସୁର ମର୍ଦ୍ଦିନୀ ରୂପ ବହୁପ୍ରଚଳିତ ଓ ଅତ୍ୟନ୍ତ ଲୋକପ୍ରିୟ । ମହିଷକୁ ଅନେକ ପ୍ରକାର ଦୁର୍ଗୁଣର ସଙ୍କେତ ରୂପେ ଗ୍ରହଣ କରାଯାଇଛି । ଶିଙ୍ଗଯୁକ୍ତ ମହିଷମୁଣ୍ଡ ରାଜତନ୍ତ୍ରର ପ୍ରତୀକ । ପଶୁମାନଙ୍କ ମଧ୍ୟରେ ମହିଷ ଅତ୍ୟନ୍ତ ବଳବାନ୍ । ରାଜାଙ୍କ

Click Here & Upgrade
Expanded Features
Unlimited Pages
PDF Complete

ଶକ୍ତି ସହିତ ଅତ୍ୟାଚାର ବଢ଼ିଗଲେ ସେ ହୋଇ ଯାଆନ୍ତି ମହିଷାସୁର । ଏହାଙ୍କ ବିରୋଧରେ ଯୁଦ୍ଧ କରିବାକୁ ଯିବା ପୂର୍ବରୁ ଦୁର୍ଗାଙ୍କୁ ଆରାଧନା କରାଯାଉଥିଲା । ପୁନଶ୍ଚ ଆମ ଭିତରେ ଏକ ପଶୁ ଅଛି । ତାହା ହେଉଛି ଅଜ୍ଞତା । ତାହା ତମୋଗୁଣରେ ପରିପୂର୍ଣ୍ଣ । ଏହା ଏକ ଅସୁର । ମହିଷ ମଧ୍ୟ ମୃତ୍ୟୁର ବାହନ । ମାତ୍ର ଜ୍ଞାନୀ ପାଇଁ ମୃତ୍ୟୁ ବୋଲି କିଛି ନଥାଏ । ଦୁର୍ଗାଙ୍କୁ ଆରାଧନା କରିବା ଦ୍ୱାରା ଆମ ଭିତରେ ଥିବା ଅବିଦ୍ୟା ଅସୁରଗୁଣାବଳିକୁ ଆମେ ଜୟ କରିଥାଉ । ଦେବୀଙ୍କ ତ୍ରିଶୂଳ ଭେଦ କରୁଛି ଅସୁରର ବକ୍ଷସ୍ଥଳ । କାମନା, ଇଚ୍ଛା ସବୁର ଉଦ୍ରେକ ଓ ଅନୁଭବ-ସ୍ଥଳ ହେଉଛି ହୃଦୟ । ଆମେ ନିଜକୁ ଦ୍ରଷ୍ଟା, ଅନୁଭବୀ ଓ ଚିନ୍ତକ ବୋଲି ବୃଥା ଅହଂକାର କରିଥାଉ ଏବଂ ତା' ପ୍ରଭାବରେ ବସ୍ତୁ, ଭାବ ଓ ଚିନ୍ତାମୟ ଏହି ଦୁନିଆକୁ ଶରୀର-ମନ-ବୁଦ୍ଧି ରୂପକ ଉପକରଣ ଦ୍ୱାରା ଭୋଗ କରିଥାଉ । ଗୁଣ ତ୍ରୟରୁ ଜାତ ଯେଉଁ ଶୂଳ (ପୀଡ଼ା) ତାହା ତ୍ରିଶୂଳ ଦ୍ୱାରା ପରାହତ ହେଉଛି । ତ୍ରିଶୂଳ ଦ୍ୱାରା ଆହତ କରି ଦୁର୍ଗା ମନୁଷ୍ୟଠାରେ ନିଷ୍କାମ କର୍ମ, ଜ୍ଞାନ ଓ ଭକ୍ତିର ସ୍ରୋତ ଛୁଟାଇଥା'ନ୍ତି । ସିଂହ ନିଷ୍ଠୁର ପଶୁଶକ୍ତିର ପ୍ରତୀକ । ବ୍ୟକ୍ତି ଆତ୍ମାକୁ ଭୁଲିଗଲେ ହିଂସ୍ର ହୋଇଉଠେ । ସିଂହ ହୋଇଯାଏ । ନିଜଠାରେ ଥିବା ଚିନ୍ମୟୀ ଶକ୍ତି ଦ୍ୱାରା ହିଂସ୍ରତାକୁ ଦମନ କଲେ ମଣିଷର ଆତ୍ମଜ୍ଞାନ ଉଦୟ ହୁଏ । ଆତ୍ମଜ୍ଞାନର ପବିତ୍ର ଜଳରେ ତାଙ୍କର ରାଜାଭିଷେକ ଅନୁଷ୍ଠିତ ହୁଏ ।

ଯେଉଁ ଦେବୀ ଦ୍ୱିତୀୟ ଶତାବ୍ଦୀ ବେଳକୁ ଦ୍ୱିଭୁଜା ଥିଲେ ଏକାଦଶ ଶତାବ୍ଦୀ ବେଳକୁ ସେ ହେଲେ ଦ୍ୱାଦଶଭୁଜା । ଦେବୀ ଦେବତାମାନଙ୍କର ମାତା । ଦୁର୍ଗା ରୂପରେ ସେ ଦେବତାମାନଙ୍କ ଦ୍ୱାରା ମଧ୍ୟ ଆବିର୍ଭୂତା । ତାଙ୍କ ହାତରେ ଶୋଭା ପାଉଥାଏ ବିଭିନ୍ନ ଦେବଙ୍କ ପ୍ରଦତ୍ତ ନାନାପ୍ରକାର ଅସ୍ତ୍ରଶସ୍ତ୍ର । ଦେବୀଙ୍କ ଉପାସନା ଅବସରରେ ଶକ୍ତି ଜାଗରଣ କରିବା ଦ୍ୱାରା ସେମାନେ ଅଧିକ କ୍ରିୟାଶୀଳ ହୋଇଉଠନ୍ତି । ତେଣୁ ଅସ୍ତ୍ରପୂଜା 'ଖଣ୍ଡାବସା' ଏହାର ପ୍ରତୀକ ।

ତ୍ରିପୁରା ସୁନ୍ଦରୀ ଦେବୀ ସୌନ୍ଦର୍ଯ୍ୟର ପ୍ରତୀକ । ଆଶ୍ୱିନ ମାସର ଶରତଋତୁର ପ୍ରାକୃତିକ ମନୋମୁଗ୍ଧକର ସୌନ୍ଦର୍ଯ୍ୟରେ ହିଁ ଦେବୀ ବିଜେ କରିଥାନ୍ତି । ଶ୍ୱେତବସ୍ତ୍ର ଧାରିଣୀ ଦେବୀଙ୍କ ଜ୍ୟୋତିର୍ମୟ ଆବିର୍ଭାବରେ କଳାବାଦଲ ଆକାଶରୁ ଧୀରେ ଧୀରେ ଅପସରି ଯାଉଥାଏ । ଜ୍ଞାନର ତରଙ୍ଗରେ ଲହରାୟିତ ହୋଇ ସବୁଠି ଫୁଟି ଉଠେ ସତ୍ୟର କାଶତଣ୍ଡୀ ଫୁଲ । ଆଭ୍ୟନ୍ତରୀଣ ଓ ବାହ୍ୟ ଶତ୍ରୁ ସଂହାର କରିବା ପାଇଁ ଯୁଦ୍ଧଯାତ୍ରାର ପ୍ରକୃଷ୍ଟ ସମୟ ଶରତଋତୁ । ଏହି ସମୟରେ ବର୍ଷାର ଘନଘଟା ବା ଶୀତର ପ୍ରକୋପ ନଥାଏ । ଦେବୀ ଦୁର୍ଗାଙ୍କର କୃପା ଭିକ୍ଷା କରି ରାଜା ବାହାରି ଯାଆନ୍ତି ଯୁଦ୍ଧ ଅଭିଯାନରେ । ଶାନ୍ତ କାନ୍ତ କମନୀୟ ଶାରଦୀୟ ପରିବେଶ ମଧ୍ୟରେ ସାଧନାରେ ସଫଳ ହେବା ପାଇଁ ସାଧକ ତା'ର ପ୍ରୟାସ ଆରମ୍ଭ କରିଦିଏ ।

ଦୁର୍ଗାପୂଜାର ଅନ୍ୟ ନାମ ଦଶହରା । ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ ଦ୍ୱାରା ଆଚରିତ ଦଶ ପାପ ଏଥିରେ ହରଣ ହୋଇଥାଏ । ଦଶହରା ଅବସରରେ କରାଯାଉଥିବା ନବରାତ୍ର ପୂଜା ଉପାସକର ବିକାଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ରାକ୍ଷସମାନେ ଉତ୍ପାତ କଲେ ଦୁର୍ଗା ତାଙ୍କୁ ନିଧନ କରନ୍ତି । ମଣିଷର ଅନ୍ତର ଭିତରେ ଆସକ୍ତି, ଲୋଭ, ଦ୍ୱେଷ, ଆଳସ୍ୟ, ଚେଷ୍ଟାହୀନତା ରୂପକ ମହିଷ ଓ ଦାନବମାନେ ଦିନରାତି ବିକ୍ଷୋଭର ଝଡ଼ ସୃଷ୍ଟି କରୁଛନ୍ତି । ଶୁଭଶଙ୍ଖ ବଜାଇ ଦେବୀ ସେମାନଙ୍କୁ ଦିବ୍ୟତ୍ୱର ଡାକରା ଦିଅନ୍ତି । ଏହି ଡାକରା ଯେଉଁମାନେ ଶୁଣି ପାରନ୍ତି ସେମାନଙ୍କର ଜ୍ଞାନ ରୂପକ ପଦ୍ମ ଫୁଟିବାକୁ ଆରମ୍ଭ କରେ । ମାତ୍ର ମଣିଷ ଭିତରେ ଥିବା ଏହି ସଇତାନଗୁଡ଼ିକର ଗର୍ବ ଏତେ ବେଶୀ ଯେ କୌଣସି କୋମଳ ଉପଦେଶ ଏମାନଙ୍କୁ କାଟୁ କରେ ନାହିଁ । ନଶୁଣି ପାରିଲେ ଦେବୀ ଗଦାରେ ମୃଦୁ ପ୍ରହାର କରନ୍ତି । ଶୁଣି ନଶୁଣିଲାପରି ହେଲେ ରକ୍ତ ବିନ୍ଦୁ ଟପ୍ ଟପ୍ ଝରି ପଡୁଥିବା ଭୟଙ୍କର ଖଡ୍ଗ ଭୈରବୀ ଉତ୍ତୋଳନ କରନ୍ତି । ଶେଷରେ ବିଫଳ ହେଲେ ଚକ୍ରଫେଷି ଦୁଷ୍ଟଶକ୍ତିଗୁଡ଼ିକୁ ନିର୍ମୂଳେ ବିନାଶ କରନ୍ତି । ଦୁର୍ବଳତା, କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ସେ ଦୂର କରନ୍ତି । ମିଥ୍ୟା ମୂଲ୍ୟବୋଧ ଓ ଦୁଷ୍ଟ ପ୍ରବୃତ୍ତି ନରମୁଣ୍ଡର ପ୍ରତୀକ । ସେଗୁଡ଼ିକ ହତ୍ୟାକରି ଦେବୀ ହୋଇଛନ୍ତି ନରମୁଣ୍ଡମାଳିନୀ । ତାଙ୍କର କୃପା ହେଲେ ଏହି ନକରାତ୍ମକ ଶକ୍ତିଗୁଡ଼ିକର ବିନାଶ ସହଜ ହୋଇଥାଏ । ଯେ ପର୍ଯ୍ୟନ୍ତ ସାଧକ ତା' ଭିତରେ ଥିବା ତମୋମୟ ବିକାରଗୁଡ଼ିକ ହତ୍ୟା କରି ସେମାନଙ୍କର ଖପୁରିର ମାଳା ଗଳାରେ ନ ପିନ୍ଧିଛି, ସେପର୍ଯ୍ୟନ୍ତ ତା' ଭିତରେ ସୁଗୁଣାବଳୀର ବିକାଶ ନିମନ୍ତେ କ୍ଷେତ୍ର ପ୍ରସ୍ତୁତ ହୋଇପାରିବ ନାହିଁ । ମନ୍ଦ ପ୍ରବୃତ୍ତିକୁ ନିବୃତ୍ତ କରିବା ଯେତିକି ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ, ସାଧନାର ଧନାତ୍ମକ ଦିଗରେ ଅଭ୍ୟାସ ଆରମ୍ଭ କରିବା ସେତିକି ଜରୁରୀ । ନହେଲେ ଖାଲି ଜାଗା ଦେଖିଲେ ସେମାନେ ପଛ ଦୁଆର ଦେଇ ପୁଣି ଧସେଇ ପଶିବେ । ରାଜରାଜେଶ୍ୱରୀ ଲକ୍ଷ୍ମୀ କେବଳ ଭୌତିକ ସଂପତ୍ତି ଓ ଅଧିକାରର ପ୍ରତୀକ ନୁହଁନ୍ତି, ସେ ମଧ୍ୟ ଇଚ୍ଛା, ଦୟା, କ୍ଷମା, ଶୋଭା, ମେଧା, ଶ୍ରଦ୍ଧା, ଶ୍ରୁତି, ସ୍ମୃତି, ଶାନ୍ତି ଓ ବୁଦ୍ଧି ରୂପରେ ପରିପ୍ରକାଶମାନ ଦିବ୍ୟ ସଂପତ୍ତି । ଦିବ୍ୟ ସଂପତ୍ତି ନଥିଲେ ରାବଣ ଓ ମହିଷାସୁରର ଅକଳନୀୟ ଭୌତିକ ସଂପତ୍ତିର ଅସଦୁପଯୋଗ ହୋଇଥାଏ ଓ ସ୍ଥଳ ବିଶେଷରେ ଧ୍ୱଂସ ପାଇ ନିଃଶେଷ ମଧ୍ୟ ହୋଇଯାଏ । ତେଣୁ ପ୍ରଥମ ତିନିଦିନ ତମୋଗୁଣର ବିନାଶ ପାଇଁ ଦୁର୍ଗାଙ୍କୁ ଉପାସନା କଲାପରେ ଦ୍ୱିତୀୟ ତିନିଦିନ ରଜୋଗୁଣର ପ୍ରତୀକ ଲକ୍ଷ୍ମୀଙ୍କୁ ଆରାଧନା କରାଯାଇଥାଏ ଦିବ୍ୟଗୁଣର ଜାଗରଣ ପାଇଁ ।

ବିବେକ, ବିଚାର, ବୋଧଶକ୍ତି, କଳା, କାବ୍ୟିକ, ପ୍ରତିଭା, ଯୁକ୍ତି, ସଂଗୀତ, ଭାଷା, ଶିକ୍ଷଣ ଓ ସମସ୍ତ ଜ୍ଞାନର ପ୍ରତୀକ ସରସ୍ୱତୀ । ସେ ବାଣୀମାତା । ଭାରତୀୟ ପ୍ରଜ୍ଞାନର ପ୍ରତୀକ । ଆତ୍ମଜ୍ଞାନର ପ୍ରବହମାନ ସ୍ରୋତ । ପ୍ରଥମେ ମନର ମଳକୁ ଦୂର କରି ଦ୍ୱିତୀୟରେ

Click Here & Upgrade
Expanded Features
Unlimited Pages
PDF Complete Documents

ମହାନ୍ ମୂଲ୍ୟବୋଧ ଓ ଗୁଣର ଅଭ୍ୟାସ କରି ତୃତୀୟ ଓ ଅନ୍ତିମ ପର୍ଯ୍ୟାୟରେ ଆତ୍ମଜ୍ଞାନ ଲାଭ କରିବା ପାଇଁ ସତ୍ତ୍ୱଗୁଣର ପ୍ରତୀକ ସରସ୍ୱତୀଙ୍କ ଉପାସନା କରାଯାଇଥାଏ । ଏହିପରି ସାଧନାର ସୋପାନଗୁଡ଼ିକ ସାଧକ ଅତିକ୍ରମ କରି ଦଶମ ଦିନରେ ମାତା ବିଜୟାଙ୍କ କୃପାବଳରେ ମନକୁ ଜୟ କରି ପାରିଥିବାରୁ ଏହି ପର୍ବକୁ ବିଜୟାଦଶମୀ କୁହାଯାଏ ।

ପୂଜା ଓ ସଙ୍କେତର ରାଜ୍ୟ ବିସ୍ତୃତ ଓ ବ୍ୟାପକ । ଉପାସକମାନଙ୍କର ମାନସିକ ସ୍ତର ଭେଦରେ ବ୍ରହ୍ମଚେତନା, ଧ୍ୟାନ, ଜପସ୍ତୁତି ଓ ମୂର୍ତ୍ତିପୂଜା ଈଶ୍ୱରଙ୍କ ପାଖରେ ପହଞ୍ଚିବାର ଚାରୋଟି ମାର୍ଗ ଅଟେ । ଜଣେ ସାଧକ ଜୀବନରେ ମଧ୍ୟ ପ୍ରତିମା ପୂଜା, ଜପସ୍ତୋତ୍ର, ଧ୍ୟାନ ଓ ବ୍ରହ୍ମଚେତନା - ଏହି କ୍ରମିକ ସ୍ତରଗୁଡ଼ିକ ଗୋଟିଏ ଗୋଟିଏ ପାହାଚ ରୂପେ କାର୍ଯ୍ୟ କରିଥାଏ । ଶୁଦ୍ଧ ବ୍ରହ୍ମଚେତନା ସ୍ତରକୁ ସାଧକ ସିଧା ଯାଇପାରୁ ନଥିଲାବେଳେ ସେ ପ୍ରତୀକର ସାହାଯ୍ୟ ଲୋଡ଼େ । ଶଙ୍କରାଚାର୍ଯ୍ୟ କହନ୍ତି, ସଗୁଣ ଉପାସନା ମାଧ୍ୟମରେ ନିର୍ଗୁଣବ୍ରହ୍ମ ପ୍ରାପ୍ତି ସହଜ । ଗୋଟିଏ ଦେବୀମୂର୍ତ୍ତିକୁ ଆଗରେ ରଖି ଭକ୍ତ ମା' ବୋଲି ଡାକେ । ଯେତେ ପ୍ରକାର ସଂପର୍କ ଏ ସଂସାରରେ ରହିଛି ମା' ସଂପର୍କ ସବୁଠାରୁ ଉତ୍ତମ । ମା' ଶିଶୁ ପ୍ରତି ବାତ୍ସଲ୍ୟପ୍ରେମର ନିକଟତମ ହୋଇଥିବାରୁ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ବେଶ୍ ଆକର୍ଷଣୀୟ ଓ ଆବେଗମୟ । ତେଣୁ ବହୁକାଳୁ ମାତୃପୂଜା ଆମ ସମାଜରେ ପ୍ରଚଳିତ । ମା' ନିଃସ୍ୱାର୍ଥପର ସେବାର ଜୀବନ୍ତ ବିଗ୍ରହ । ଏ ଜୀବଜଗତ ଗୋଟିଏ ମା'ର ଭଲ ପାଇବାର ଉଷ୍ମତାରେ କୋଳାଗ୍ରତ ହେବାକୁ ଚାହେଁ । ପୁତ୍ର ମା' ପାଖରେ ତା'ର ମନର କଥା ଯେପରି ଖୋଲାଖୋଲି ଭାବରେ କହିପାରେ ଆଉ କାହାକୁ ସେପରି କହିପାରେ ନାହିଁ । ପରମଶକ୍ତିକୁ ଦିବ୍ୟ ମାତୃଭାବନାରେ ପୂଜା କଲେ ମନୁଷ୍ୟର କାମିନୀବାସନା ଶୀତଳ ହୋଇଯାଏ । ତା'ର ପାପ ତାପ କ୍ଲିଷ୍ଟ ହୃଦୟ ଟିକେ ଉପଶମ ଲଭେ । ମାତା ନିର୍ମାତା ଅଟନ୍ତି । ଦିନେ ଏହି ମାତୃପ୍ରେମରେ ବିଗଳିତ ହୋଇଥିଲେ ଶ୍ରୀରାମକୃଷ୍ଣ ପରମହଂସ । ଅଦ୍ୱୈତ ବେଦାନ୍ତର ଶ୍ରେଷ୍ଠ ଆଚାର୍ଯ୍ୟ ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ମଧ୍ୟ ଭକ୍ତିର ନୈବେଦ୍ୟ ବାଢ଼ି ସୌନ୍ଦର୍ଯ୍ୟ ଲହରୀ ପରି ସ୍ତୋତ୍ର ପରେ ସ୍ତୋତ୍ର ରଚନା କରିଥିଲେ । ମାୟାକୁ ହଟାଇବା ପାଇଁ ଭକ୍ତ କରେ ପ୍ରାର୍ଥନା - ହେ ଜଗଦମ୍ବିକେ, ଆପଣ ଦୟାମୟୀ । ଆମ ଦ୍ୱାରା ଅନୁଷ୍ଠିତ ପାପାଚରଣକୁ ଉପେକ୍ଷା କରନ୍ତୁ । ବାସନା ରୂପୀ ବ୍ୟାଘ୍ରଠାରୁ ଆମକୁ ରକ୍ଷା କରନ୍ତୁ । 'ଜ୍ୟୋତିଷା ବାଧତେ ତମଃ' (ଋଗ୍ବେଦ ୧୦.୧୦.୧୨୭) ଅର୍ଥାତ୍ ଚିନ୍ମୟୀ ଦେବୀ ଜ୍ଞାନମୟ ଜ୍ୟୋତିଦ୍ୱାରା ଜୀବମାନଙ୍କର ଅଜ୍ଞାନ ଅନ୍ଧକାରକୁ ନାଶ କରି ଦିଅନ୍ତି । ତାଙ୍କୁ ପ୍ରାର୍ଥନା କରାଯାଇଛି - ଉଷ ! ଋଣୀବ ଯାତୟ । ହେ ଉଷା ! ହେ ରାତ୍ରିର ଅଧିଷ୍ଠାତ୍ରୀ ଦେବୀ ! ସବୁଆଡ଼େ ବ୍ୟାପ୍ତ ହୋଇଥିବ । ଏହି ଅଜ୍ଞାନମୟ କଳା ଅନ୍ଧକାର ମୋ' ପାଖରେ ପହଞ୍ଚିଯାଇଛି । ତୁମେ ଏହାକୁ ଋଣ ପରି ଦୂର କର । ଯେପରି ଧନ ଦେଇ ଆପଣ ଭକ୍ତମାନଙ୍କର ଋଣ ଦୂର କରନ୍ତି ସେହି ପ୍ରକାର ଜ୍ଞାନ ଦେଇ ଏହି ଅଜ୍ଞାନକୁ ମଧ୍ୟ ହଟାନ୍ତୁ । ଯେଉଁଠାରେ ଭକ୍ତର ମନ ଘୂରିବୁଲେ ସେଠାରେ ତାଙ୍କର ରୂପ ଏବଂ ଯେଉଁଠାରେ ଭକ୍ତ ମଥା ରଖେ ସେଠାରେ ତାଙ୍କର ପାଦପଦ୍ମ । ସକାମ ଭକ୍ତ ଭଦ୍ରକାଳୀଙ୍କ ସେବା କରିବା ଦ୍ୱାରା ମନ ଅଭିଳଷିତ ଦୁର୍ଲ୍ଲଭତମ ବସ୍ତୁ ବା ସ୍ଥିତି ସହଜରେ ପ୍ରାପ୍ତ ହୁଏ ଏବଂ ନିଷ୍କାମ ଭକ୍ତ ପରମ ଦୁର୍ଲ୍ଲଭ ମୋକ୍ଷ ଲାଭ କରି କୃତାର୍ଥ ହୁଏ ।

ଶକ୍ତିକୁ ତା'ର ମୂଳ ଅବ୍ୟକ୍ତ ରୂପରେ ପୂଜା କରିବା ସମ୍ଭବ ନହୋଇ ପାରିବାରୁ ତାଙ୍କୁ ବ୍ୟକ୍ତ ରୂପରେ ପୂଜା କରାଯାଇଛି । ସାଧନାର ପ୍ରାରମ୍ଭିକ କ୍ଷେତ୍ରରେ ସ୍ଥୂଳବୁଦ୍ଧି ଉପାସକ ପାଇଁ ପ୍ରତିମା ଲୋଡ଼ା । ମୂର୍ତ୍ତିଗୁଡ଼ିକ ଗୋଟିଏ ଗୋଟିଏ ପରଦା । ମଣିଷ ଭିତରର ସୂକ୍ଷ୍ମ ଘଟଣାଗୁଡ଼ିକ ସେଠାରେ ପ୍ରତିବିମ୍ବିତ ହୁଏ । ଚିତ୍ର ଦ୍ୱାରା ଚିତ୍‌ଶକ୍ତିର ଅନୁଭବ ଧୀରେ ଧୀରେ ଆସେ । ଏହା ସମ୍ଭବ ହୁଏ ଜପ ଓ ଧ୍ୟାନ ବଳରେ । ସ୍ୱପ୍ନ ଭାଙ୍ଗିଯାଏ । ସତ୍ୟର ସ୍ୱରୂପ ଆପଣା ଛାଏଁ ଭାସି ଉଠେ । ସମସ୍ତ ଦ୍ୱୈତଭାବନା ଅପସରିଯାଏ । ସୋଽହଂ ଭାବ ପ୍ରତିଷ୍ଠିତ ହୁଏ । ରୂପ ଓ ନାମର ଆବଶ୍ୟକତା ରହେ ନାହିଁ । ଭକ୍ତ ଅନୁଭବ କରେ ସେ ନିରାକାର । ଅରୂପ । ତେଣୁ ରୂପକୁ ଗଙ୍ଗାଜଳରେ ବିସର୍ଜନ କରେ । ଗଙ୍ଗାଜଳ ଜ୍ଞାନର ସ୍ରୋତ । ତେଣୁ ପରିଶେଷରେ ଭକ୍ତ ଜ୍ଞାନର ସ୍ରୋତରେ ଭାସି ଭାସି ଯାଇ ଶକ୍ତିର ମହାସାଗରେ ନିଜର ସତ୍ତା ହରାଇ ବସେ । ଆଦ୍ୟାଶକ୍ତିଙ୍କଠାରେ ଲୀନ ହୋଇଯାଏ ।

ସଂଗଠନ ସଂପାଦକ 'ବର୍ଷା'
ବି-୯୩/୧, ନାଲକୋ
ଦାମନଯୋଡ଼ି, କୋରାପୁଟ-୭୬୩୦୦୮

■ ■ ■ ■